## ସଂକ୍ଷେପରେ

### ଜଙ୍ଗଲରେ ଗୁଳିମାଡ ଘଟଣା
## ଭାଇ ସମେତ ୨ ଗିରଫ

**ଶଙ୍କରାଖୋଲ,୨୦।୬(ଡି.ଏନ୍.ଏ.):** ଚକାପାଦ ବ୍ଲକ ଟିକାବାଲି ଥାନା ମିଣିଆଖଡି ଜଙ୍ଗଲରେ ଶନିବାର ଗୁଳି ମାଡରେ ଆରାବାକା ପଞ୍ଚାୟତ କାମ୍ବିରିକିଆ ଗ୍ରାମର ଜନକ ମଲ୍ଲିକ ଗୁରୁତର ହୋଇଥିଲେ। ଏହି ଘଟଣାରେ ଟିକାବାଲି ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜନକଙ୍କ ସାନଭାଇ ବେଲାଲସେନ ଓ ସାଙ୍ଗ ଚିନୁ ମଲ୍ଲିକ। ଚିନୁଙ୍କଠାରୁ ଚୋରା ଦେଶୀବନ୍ଧୁକ ଜବତ ହୋଇଥିବାବେଳେ ଏନେଇ ନଂ.୬୪/୧୯ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ରଜ ଉପଲକ୍ଷେ ଶନିବାର ଅପରାହ୍ନରେ ଜନକ, ବେଲାଲସେନ ଓ ଚିନୁ ଶିକାର କରିବାକୁ ଭୂଲେଶ୍ୱରୀ ଜଙ୍ଗଲକୁ ଯାଇଥିଲେ। ତାଙ୍କ ପଛରେ ସେହି ଗ୍ରାମର ଅନ୍ୟ ୨ଜଣ କିଣା ମଲିକ ଓ ଆନନ୍ଦେଶ୍ୱର ମଲିକ କାଠ ଆଣିବାକୁ ଯାଇଥିଲେ। ସେହି ସମୟରେ ଚିନୁ ଚୋରା ଦେଶୀ ବନ୍ଧୁକ କାନ୍ଧରେ ଝୁଲାଇ ନେଉଥିବାବେଳେ ଅସାବଧାନତାବଶତଃ ଖସିପଡି ଗୁଳି ଫୁଟିଥିଲା। ଚିନୁ ଆଗରେ ଥିବା ଜନକଙ୍କ ବାମଗୋଡରେ ଗୁଳି ବାଜିଥିଲା। ତାଙ୍କୁ ସେଠାରୁ ଆଣି ଅଟୋଯୋଗେ ପ୍ରଥମେ ଟିକାବାଲି ମେଡିକାଲ ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ଘଟଣାଦିନ ଜନକ କହିଥିଲେ, ଲଙ୍ଗଳ ପାଇଁ କାଠ ହାଣିବାକୁ ଜଙ୍ଗଲକୁ ଯାଇଥିଲୁ। କାଠ କାଟିଲା ବେଳେ ହଠାତ ପଛପଟୁ ଗୁଳି ଆସି ବାଜିଥିଲା।

### କାମ ଦେବା ନାଁରେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା
## ଅତିରିକ୍ତ ଏସ୍‌ପିଙ୍କୁ ଭେଟିଲେ ଗ୍ରାମବାସୀ

**ଗଞ୍ଜାମ,୨୦।୬(ଡି.ଏନ୍.ଏ.):** ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍‌ରେ କାର୍ଯ୍ୟରତ ମୁଖ୍ୟ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ଦାସ କାମ ଦେବା ନାଁରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମେ' ୨୫ରେ ଗଞ୍ଜାମ ଥାନାରେ ଏତଲା ହୋଇଥିଲା। ନଂ.୪୨/୧୧ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ମାତ୍ର ଘଟଣାକୁ ୨୬ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ। ଏନେଇ ଗୁରୁବାର ଅପରାହ୍ନରେ ଗ୍ରାମବାସୀ ଛତ୍ରପୁର ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ ଓ ଆଇଆଇସି ସୁଦାମ ମଲିକଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ, ଗ୍ରାମବାସୀ ଏନେଇ ପୂର୍ବରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏସ୍‌ପି ଏହାର ତଦନ୍ତ ଦାୟିତ୍ୱ ଅତିରିକ୍ତ ଏସ୍‌ପି ମହାପାତ୍ରଙ୍କୁ ଦେଇଥିଲେ।

### ■ବ୍ରହ୍ମପୁର ଷ୍ଟାଡିୟମ୍‌ରେ ସର୍ବସାଧାରଣଙ୍କ ପ୍ରବେଶ
# ପେସାଦାର ଖେଳାଳିଙ୍କ ତୀବ୍ର ବିରୋଧ

**ବ୍ରହ୍ମପୁର ଅଫିସ୍,୨୦।୬**

ନେତା ବଦଳିଲେ, ନୀତି ବଦଳେ। ଏକଥା କୁହାଯାଏ। ହେଲେ ବ୍ରହ୍ମପୁର ସହରରେ ଏବେ ନେତା ବଦଳୁଥିବା ନୀତି ସମସ୍ୟା ସୃଷ୍ଟି କରୁଛି। ବ୍ରହ୍ମପୁର ଷ୍ଟାଡିୟମ୍ ବର୍ତ୍ତମାନ ଏହା ଭୋଗିବାକୁ ଯାଉଛି। ଷ୍ଟାଡିୟମ୍‌ରେ ସକାଳୁ ବ୍ୟାୟାମ କରିବା ପାଇଁ ସର୍ବସାଧାରଣଙ୍କ ପ୍ରବେଶ ଉପରୁ କଟକଣା ହଟାଇବାକୁ ନବନିର୍ବାଚିତ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଘୋଷଣା କରିଥିଲେ। ଏହାକୁ ପେଶାଦାର ଖେଳାଳିମାନେ ତୀବ୍ର ବିରୋଧ କରୁଛନ୍ତି। ଗୁରୁବାର ସକାଳେ ଖେଳାଳିମାନେ ନିଷ୍ପତ୍ତି ବଦଳାଇବା ପାଇଁ ବିଧାୟକଙ୍କୁ ସାକ୍ଷାତ କରିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ ବିଧାୟକ ସାକ୍ଷାତ କରି ନ ଥିଲେ। ଯାହା ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

ଘଟଣା ହେଲା, ପ୍ରତିଷ୍ଠା ପରଠୁ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ସକାଳୁ ଏବଂ ଉପରବେଳା ବ୍ୟାୟାମ କରିବା ପାଇଁ ସର୍ବସାଧାରଣଙ୍କ ପ୍ରବେଶ ଥିଲା। ହେଲେ ଦେଖିବାକୁ ମିଳିଲା, ଶତାଧିକ ଲୋକ ବ୍ୟାୟାମ କରିବା ଫଳରେ ପଡ଼ିଆ ନଷ୍ଟ



ବିଧାୟକଙ୍କୁ ସାକ୍ଷାତ କରିବାକୁ ଆସିଥିବା କ୍ରୀଡ଼ାବିତ୍‌ମାନେ।

ହେବାରେ ଲାଗିଲା, ଘାସ ମରିଗଲା। ଖାଲ ଢ଼ିପ ବଢ଼ିଲା। ଷ୍ଟାଡିୟମ୍‌ର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା ୨୦୧୩ରେ ୫୬ଲକ୍ଷ ଟଙ୍କାର ବ୍ୟୟରେ ଷ୍ଟାଡିୟମ୍‌ର ଉନ୍ନତୀକରଣ କରାଯାଇଛି। ସ୍ପ୍ରିଙ୍କଲର୍ ଲଗାଇ ପାଣି ସିଞ୍ଚନ ବ୍ୟବସ୍ଥା ସହ ଅନ୍ୟାନ୍ୟ କାମ ହୋଇଛି। ନିୟମିତ ପାଣି ସିଞ୍ଚନ ଫଳରେ ଘାସ ଉଠିଥିଲା। ହେଲେ ଏହା ପରଠୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। କାରଣ ଷ୍ଟାଡିୟମ୍‌ରେ କ୍ରୀଡ଼ା ଛାତ୍ରାବାସ ରହିଛି। ବହୁ ଅନ୍ତେବାସୀ ସେଠାରେ ଭଲିବଲ୍, ବାସ୍କେଟବଲ୍, ଭାରୋତ୍ତୋଳନ ସହ ଅନ୍ୟାନ୍ୟ କ୍ରୀଡ଼ାରେ ତାଲିମ୍ ନେଉଛନ୍ତି। ଏଥି ସହ କେବଳ ପେଶାଦାର ଖେଳାଳିଙ୍କୁ ଷ୍ଟାଡିୟମ୍ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଫଳରେ ଆଥଲେଟିକ୍ ଏବଂ ବକ୍ସିଂ ସହ ଅନ୍ୟ କ୍ରୀଡ଼ାର ଖେଳାଳୀମାନେ ନିୟମିତ ଅଭ୍ୟାସ କରିପାରୁଥିଲେ। କୌଣସି ପ୍ରକାର ବାଧା ନ ଥିଲା। ହେଲେ ନବନିର୍ବାଚିତ ବିଧାୟକ ବିକ୍ରମ କୁମାର ପଣ୍ଡା ଗତ ୧୬ତାରିଖରେ ଷ୍ଟାଡିୟମ୍ ପରିଦର୍ଶନରେ ଯାଇଥିଲେ। ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଉଠାଇ ଦେଇଥିଲେ।

ଏହାକୁ ଶତାଧିକ ପେଶାଦାର ଖେଳାଳି ତୀବ୍ର ବିରୋଧ କରିଛନ୍ତି। କାରଣ ସର୍ବସାଧାରଣଙ୍କ ପ୍ରବେଶ ଫଳରେ ସେମାନଙ୍କ ଅଭ୍ୟାସ ବାଧାପ୍ରାପ୍ତ ହେବ। ଷ୍ଟାଡିୟମ୍‌ରେ ଲାଗିଥିବା ସ୍ପ୍ରିଙ୍କଲର୍, ଘାସ ନଷ୍ଟ ହୋଇଯିବ। ପୂର୍ବଭଳି ସେମାନେ ଅଭ୍ୟାସ କରିପାରିବେ ନାହିଁ। କ୍ରୀଡ଼ା ଛାତ୍ରାବାସରେ ଅନ୍ତେବାସୀମାନେ ରହୁଥିବା ଯୋଗୁ ସେମାନଙ୍କ ସମସ୍ୟା ମଧ୍ୟ ବଢ଼ିଯିବ। ଏଣୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ପୂର୍ବରୁ ରହିଥିବା କଟକଣା ପୁଣି ଥରେ ଲଗାଯିବାକୁ ଖେଳାଳିମାନେ ଦାବି କରିଛନ୍ତି। ଏହି ଦାବିନେଇ ସେମାନେ ଗୁରୁବାର ସକାଳେ ବିଧାୟକଙ୍କ ଘରକୁ ଯାଇଥିଲେ। କିନ୍ତୁ ସେ ସାକ୍ଷାତ କରି ନ ଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମପୁର ଷ୍ଟାଡିୟମ୍‌ର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ଏହାକୁ ସାଟେଲାଇଟ୍ ଷ୍ଟାଡିୟମ୍‌ରେ ପରିଣତ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏପରିକି ଷ୍ଟାଡିୟମ୍ କଡ଼ରେ ଥିବା ସେନା ବିଭାଗର କ୍ୱାର୍ଟର୍ସ ଜମିକୁ ମଧ୍ୟ ଅଧିଗ୍ରହଣ କରାଯାଇଛି। ଉନ୍ନତମାନର କ୍ରୀଡ଼ା ଛାତ୍ରାବାସ ସହ ଅନ୍ୟାନ୍ୟ ଅତ୍ୟାଧୁନିକ କ୍ରୀଡ଼ା ସାମଗ୍ରୀ ରଖିବାକୁ ପୂର୍ବରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଘୋଷଣା କରିଛି। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଭଳି ସ୍ଥଳେ ଷ୍ଟାଡିୟମ୍‌କୁ ସର୍ବସାଧାରଣଙ୍କ ପ୍ରବେଶ ଫଳରେ କେବଳ ଷ୍ଟାଡିୟମ୍ ନଷ୍ଟ ହେବନି ବରଂ ନିର୍ମାଣକାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି କ୍ରୀଡ଼ାବିତ୍‌ମାନେ ଆଲୋଚନା କରୁଛନ୍ତି।

## ବିଡିଓଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

**ପୁରୁଷୋତ୍ତମପୁର, ୨୦।୬ (ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ଅରଖପୁର ପଞ୍ଚାୟତ ବାସୁଦେବପୁର ଗ୍ରାମରେ ଦୀର୍ଘଦିନ ହେଲା ବିଭିନ୍ନ ସମସ୍ୟା ଲାଗି ରହିଛି। ଗ୍ରାମବାସୀ ମଙ୍ଗଳବାର ବ୍ଲକକୁ ଆସି ବିଡିଓ ସତ୍ୟସୁନ୍ଦର ରାଉତଙ୍କୁ ଦାବିପତ୍ର ଦେବା ସହ ତୁରନ୍ତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଛନ୍ତି। ଏହାସହ ଜିଲାପାଳ, ଛତ୍ରପୁର ଉପ ଜିଲାପାଳ ଓ ପିଡିଙ୍କ ନିକଟକୁ ମଧ ଏହାର ନକଲ ପଠାଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ ସୁବିଧା ନାହିଁ। ଗରିବ ଲୋକଙ୍କୁ ଖାଉଟୀ ସାମଗ୍ରୀ ମିଳିପାରୁ ନାହିଁ, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳିପାରୁନାହିଁ। ବିଦ୍ୟୁତ୍ ସୁବିଧା ମିଳୁନାହିଁ, ଚାଷ ନିମନ୍ତେ ଜମିକୁ ଜଳଯୋଗାଣ ବ୍ୟବସ୍ଥା, ଶ୍ମଶାନଗୃହ ନାହିଁ। ଏଣେ ତେଣେ ମୃତଦେହ ଦାହ କରିବା ଦ୍ୱାରା ପରିବେଷ ପ୍ରଦୂଷଣ ହେଉଛି। ରାସ୍ତାଘାଟ ଭାଙ୍ଗି ପଡିଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସିପାରୁନାହିଁ। ତୁରନ୍ତ ଏହାର ସମାଧାନ କରିବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ଏନେଇ ତଦନ୍ତ କରି ଅତିଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଡିଓ ସତ୍ୟସୁନ୍ଦର ରାଉତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୨୦।୬(ଡି.ଏନ.ଏ.)**

ଜି.ଉଦୟଗିରି ଜଗନ୍ନାଥ ମନ୍ଦିରରେ ବୁଧବାର ଆଗାମୀ ରଥଯାତ୍ରା ନିମନ୍ତେ ମନ୍ଦିର ପରିଚାଳନା କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ସୁରୁଖୁରୁରେ ହେବା ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି। ଠିକ୍ ସମୟରେ ୩ ରଥ ନିର୍ମାଣ ଦାୟିତ୍ୱ ମନ୍ଦିର କମିଟି ଉପଦେଷ୍ଟା ସନ୍ତୋଷ କୁମାର ଆଚାର୍ଯ୍ୟଙ୍କୁ ଦିଆଯାଇଛି। ତିନି ରଥରେ ପୂର୍ବ ବର୍ଷ ମାନଙ୍କରେ ଛେରା ପହଁରା କରୁଥିବା ଗୋକୁଳାନନ୍ଦ ସାହୁଙ୍କ ବିୟୋଗ ଘଟିଥିବା ଯୋଗୁ ଚଳିତ ବର୍ଷ ରଥରେ ଛେରା ପହଁରା କରିବା


ବୈଠକରେ ଉପସ୍ଥିତ ପରିଚାଳନା କମିଟି କର୍ମକର୍ତ୍ତା।

ନିମନ୍ତେ ମନ୍ଦିର କମିଟି ବରିଷ୍ଠ ସଦସ୍ୟ କେ. ରାମାରାଓ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଠିକ୍ ସମୟରେ ରଥ ନିର୍ମାଣ କାର୍ଯ୍ୟ, ଟାହିଆ ପ୍ରଦାନ, ନେତ ଉତ୍ସବ, ନବ ଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ଶାନ୍ତି ଶୃଙ୍ଖଳା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଭାପତିଙ୍କ ସମେତ ଉପସଭାପତି ଏସ୍. ବଙ୍ଗାଳୀ ପାତ୍ର, ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଦାଶ, ଅଶୋକ କୁମାର ପାତ୍ର, କାଳୁ ଚରଣ ପଣ୍ଡା, ପ୍ରିୟବ୍ରତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଖବରଦାତାଙ୍କ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୨୦।୬**

ସଦର ଥାନା ଇଲାକାରେ ଚୋରି ଥମିବାର ନାଁ ନେଉନାହିଁ। ଗୋଟିଏ ପରେ ଗୋଟିଏ ଘରକୁ ଲଟେରା ଗ୍ୟାଙ୍ଗ ଟାର୍ଗେଟ କରୁଛନ୍ତି। ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଡାକ୍ତରଙ୍କ ଘରେ ଏହି ଗ୍ୟାଙ୍ଗ କଳାକନା ବୁଲାଇବା ପରେ ଏବେ ଜଣେ ଖବରଦାତାଙ୍କ ଘରୁ ଟଙ୍କା ଚୋରି କରି ନେଇଛନ୍ତି। ପୋଲିସ ଏବେ ଚୋର ଗ୍ୟାଙ୍ଗକୁ ଧରି ପାରିନାହିଁ। ଗତ ୧୮ ତାରିଖରେ ସଦର ଥାନା ଅନ୍ତର୍ଗତ ବ୍ରଜନଗରରେ ରହୁଥିବା ଜଣେ ଖବରଦାତା ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଲମିରାରେ ଥିବା ୧୦ ହଜାର ଟଙ୍କା ଚୋରିକରି ନେଇଯାଇଛନ୍ତି। ଖବରଦାତାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୫୫/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଚୋର ଧରିବାକୁ ଉଦ୍ୟମ ଜାରି ରଖିଛି। ଏଣୁ ସହରତଳି ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗଛ ଲଗାଇ ପାଳନ କଲେ ବିବାହ ବାର୍ଷିକୀ


ପରିବାର ସହ ଦିଲୀପ ଚାରାରୋପଣ କରୁଛନ୍ତି।

**ଦାରିଙ୍ଗବାଡ଼ି,୨୦।୬(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା ସହ ଜଙ୍ଗଲ ସୃଷ୍ଟି ଉଦ୍ଦେଶ୍ୟରେ ଜଣେ ବିଦ୍ୟୁତ୍ କର୍ମଚାରୀ ତାଙ୍କ ବିବାହ ବାର୍ଷିକୀ ଅଭିନବ ଉପାୟରେ ପାଳନ କରିଛନ୍ତି। ସେ ହେଲେ ଦାରିଙ୍ଗବାଡ଼ି ସାଉଥ୍‌କୋ ୟୁଟିଲିଟିର ଦିଲୀପ କୁମାର ସାହୁ। ବିବାହର ୮ମ ବାର୍ଷିକୀ ଅବସରରେ ସେ ୮ଟି ବରଗଛ ରୋପଣ କରିଛନ୍ତି। ହିଲଭିୟୁ ପାର୍କ ଯିବା ଛକ ଜାତୀୟ ରାଜପଥ କଡରେ ସେ ଏହି ବରଗଛ ଚାରା ରୋପଣ କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ସେ ନେବେ ବୋଲି କହିଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ସ୍ତ୍ରୀ ଅରୁନ୍ଧତୀ, ପୁଅ ଶ୍ରେୟାଂଶୁସେନ ଏବଂ ଝିଅ ସୁଜ୍ଞାନୀସୁଚରିତା ସହଯୋଗ କରିଥିଲେ।

## ପତଞ୍ଜଳି ଯୋଗ ସମିତି ତରଫରୁ ବିଶ୍ୱ ଯୋଗ ଦିବସ ପ୍ରସ୍ତୁତି

**ଜି.ଉଦୟଗିରି,୨୦।୬(ଡି.ଏନ.ଏ.)**

ଶୁକ୍ରବାର ପାଳନ ହେବାକୁ ଥିବା ବିଶ୍ୱ ଯୋଗ ଦିବସ ପାଇଁ କନ୍ଧମାଳ ଜିଲା ପତଞ୍ଜଳି ଯୋଗ ସମିତି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜି.ଉଦୟଗିରି ଧବଳେଶ୍ୱର ମନ୍ଦିର ପଡ଼ିଆରେ ଚାଲିଥିବା ନିୟମ ଯୋଗ କେନ୍ଦ୍ରରେ ଗୁରୁବାର ପୂର୍ବ ପ୍ରସ୍ତୁତି ଅଭ୍ୟାସ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ଯୋଗ ଦିବସ ପାଳନ ପୂର୍ବ ଅଭ୍ୟାସ କରାଯାଇଛି। ଏନେଇ ସଚେତନତା ପ୍ରଚାର ପତ୍ର, ପ୍ରଚାର ଗାଡ଼ି ଦ୍ୱାରା ଜି.ଉଦୟଗିରି, କଳିଙ୍ଗା, ରାଇକିଆ, ଟିକାବାଲି, ପାବୁରିଆ ଓ ଲିଙ୍ଗାଗଡ଼ ବିଭିନ୍ନ ସ୍ଥାନରେ ପ୍ରଚାର କରାଯାଇଛି। କନ୍ଧମାଳ ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ଅରୁଣ କୁମାର ଷଡ଼ଙ୍ଗୀ, ଚତୁର୍ଭୁଜ ସାହୁ, ଦୁର୍ଗା ପ୍ରସାଦ ସାହୁ, ଦିଲୀପ କୁମାର ନାୟକ, ଅଶୋକ କୁମାର ପାତ୍ର ଓ ପ୍ରଭାସ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ■ପିଲାଙ୍କ ସାର୍ଟିଫିକେଟ ନେଇ ଟଙ୍କା ଦାବି
# ଜିଲାପାଳଙ୍କୁ ଭେଟିଲେ ଠକେଇର ଶିକାର ଛାତ୍ରୀଛାତ୍ର

**ଫୁଲବାଣୀ ଅଫିସ, ୨୦।୬**

ଭୁବନେଶ୍ୱରରେ ଏକ ଶିକ୍ଷା ଅନୁଷ୍ଠାନରେ ମାଗଣା ପଢ଼ିବା, ରହିବା, ଖାଇବା ଇତ୍ୟାଦି ପ୍ରଲୋଭନ ଦେଖାଇ କନ୍ଧମାଳର ଜଣେ ଯୁବକ ପାଖାପାଖି ୨୦ ଜଣ ଛାତ୍ରଙ୍କ ସାର୍ଟିଫିକେଟ ନେଇ ଯାଇଛନ୍ତି। ସେପଟେ ମିଥ୍ୟା ଆଡମିଶନ କରାଇ ପଢ଼ିବାକୁ ହେଲେ ମାସକୁ ୨୦ହଜାର ଟଙ୍କା ଦାବି କରିଛନ୍ତି। ଯଦି କେହି ନ ପଢ଼ି ସାର୍ଟିଫିକେଟ ନେବ ତାହାଲେ ୧୦ ହଜାର ଦେବାକୁ ପଡିବ ବୋଲି ସମ୍ପୃକ୍ତ ଯୁବକ ଜଣକ ଛାତ୍ରମାନଙ୍କୁ କହିଛନ୍ତି। କଥା ଥାନା ପର୍ଯ୍ୟନ୍ତ ଯାଇଛି। ପୋଲିସ ଉପସ୍ଥିତିରେ ସମ୍ପୃକ୍ତ ଯୁବକ ଜଣକ ନିର୍ଦ୍ଦିଷ୍ଟ ତାରିଖରେ ସାର୍ଟିଫିକେଟ ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, ହେଲେ ଫେରାଉ ନାହାନ୍ତି। ଏହାର ପ୍ରତିବାଦରେ ଗୁରୁବାର ସନ୍ଧ୍ୟାରେ ଠକେଇର ଶିକାର ହୋଇଥିବା ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କିପରି ସାର୍ଟିଫିକେଟ ଫେରି ପାଇବେ ସେ ନେଇ ପଦକ୍ଷେପ ନେବା ସହ ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ସାର୍ଟିଫିକେଟ ପାଇ ନ ଥିବାରୁ ଛାତ୍ରମାନଙ୍କ ଗୋଟିଏ ବର୍ଷ ବେକାର ହୋଇଯାଇଛି। ଯାହାକୁ ନେଇ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ଟିକାବାଲି ବ୍ଲକ ସାରଙ୍ଗଡ ଥାନା ଗୁଟିଙ୍ଗିଆ ପଞ୍ଚାୟତ ଡାମିଗୁଡା



ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ।

ଗ୍ରାମର କେଶବ ପ୍ରଧାନ ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ପଢ଼ିବା ପାଇଁ କ.ନୂଆଗାଁ, ରାଇକିଆ, ଟିକାବାଲି, ସାରଙ୍ଗଡ ଓ ଫିରିଙ୍ଗିଆ ଆଦି ବ୍ଲକର ଗରିବ ଛାତ୍ରୀଛାତ୍ରଙ୍କୁ ଲୋଭ ଦେଖାଇଥିଲେ। ଆଡମିଶନ ପାଇଁ ଅରିଜିନାଲ ସାର୍ଟିଫିକେଟ ନେଇଥିଲେ। ଭେରିଫିକେଶନ ପରେ ୩ ଦିନ ମଧ୍ୟରେ ଫେରାଇ ଦେବେ ବୋଲି କହିଥିଲେ। ଆଡମିଶନ ହେବ କହି ପିଲାମାନଙ୍କୁ ୨୦୧୮ ଅଗଷ୍ଟ ୯ରେ ଭୁବନେଶ୍ୱର ନେଇଥିଲେ। ସେଠାରେ ପିଲାମାନଙ୍କୁ ପଢ଼ିବାକୁ ହେଲେ ମାସକୁ ୨୦୦୦ ଟଙ୍କା ଦେବାକୁ ପଡିବ, ତୁମେ ଲେବର କାର୍ଡ ଦେବ। ସେହି କାର୍ଡରୁ ତୁମ ପାସ୍‌ବୁକ୍‌କୁ ଟଙ୍କା ଛଡାଯିବ। ସେ ଟଙ୍କା ଉଠାଇ ଆମକୁ ଦେବେ ବୋଲି କହିବାରୁ ଛାତ୍ରୀଛାତ୍ରମାନେ ଠକାମୀର ଶୀକାର ହୋଇଥିବା ଜାଣି ଫେରି ଆସିବା ସହ ଅରିଜିନାଲ ସାର୍ଟିଫିକେଟ ମାଗିଥିଲେ। ଏ ନେଇ ସାରଙ୍ଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପଚାରା ଉଚରା କରିଥିଲେ। କେଶବ ସମସ୍ତଙ୍କ ସମ୍ମୁଖରେ ଜାନୁୟାରୀ ୩୦ ସୁଦ୍ଧା ସାର୍ଟିଫିକେଟ ଦେବା ପାଇଁ କହିଥିଲେ। ମାତ୍ର ଏବେ ଏଥିପାଇଁ ୧୦ ହଜାର ଟଙ୍କା ଦାବି କରୁଥିବା ଛାତ୍ର ମୋତିଲାଲ ପ୍ରଧାନ, ବିକାଶ ବିନ୍ଧାଣୀ, ବାପିନା ପ୍ରଧାନ, ଆଲୋକ ପ୍ରଧାନଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ଏ ନଇେ କେଶବ ପ୍ରଧାନଙ୍କୁ ୯୪୩୯୫୬୮୬୫୪ରେ ଯୋଗାଯୋଗ କରିଥିଲେ ହେଁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ

ବ୍ରହ୍ମପୁର ଅଫିସ,୨୦।୬-ଆଧୁନିକ ସମାଜରେ ମନୁଷ୍ୟ ସମସ୍ୟା ତଥା ମାନସିକ ଚାପଗ୍ରସ୍ତ ହୋଇ ବହୁ ଦୁରାରୋଗ୍ୟର ଶିକାର ହେଉଛି। ଖାଦ୍ୟ ପରିବର୍ତ୍ତନର ଧାରା ମଣିଷକୁ ରୋଗଗ୍ରସ୍ତ କରୁଛି। ଏଥିରୁ ନିବୃତ୍ତ ରହିବାକୁ ହେଲେ ଯୋଗ ଏକମାତ୍ର ପନ୍ଥା ବୋଲି ପ୍ରଶିକ୍ଷକ ତଥା ଯୋଗଗୁରୁ ମତ ରଖିଛନ୍ତି। ଶରୀରକୁ ମାନସିକ ତଥା ଶାରୀରିକସ୍ତରରେ ସୁସ୍ଥ, ସୁନ୍ଦର, ନୀରୋଗ କରିବାରେ ଯୋଗ ଏକ ମହୌଷଧି। ବର୍ତ୍ତମାନ ଯୋଗକୁ ବିଜ୍ଞାନର ସ୍ୱୀକୃତି ପରେ ଏବେ ମନୁଷ୍ୟ ସମାଜ ଯୋଗାଭ୍ୟାସ ପ୍ରତି ଆଗ୍ରହ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ନିୟମିତ ଯୋଗ, ପ୍ରାଣାୟାମ ଶିକ୍ଷା ପ୍ରଦାନ ନିମିତ୍ତ ଏବେ ବିଭିନ୍ନ ଅନୁଷ୍ଠାନ ଆଗେଇ ଆସିଛନ୍ତି। ବ୍ରହ୍ମପୁରରେ ଯୋଗାଧାମ, ପତଞ୍ଜଳି, ବିବେକାନନ୍ଦ କେନ୍ଦ୍ର ଭଳି ବହୁ ଅନୁଷ୍ଠାନ ଏବେ ଯୋଗର ଉପକାରିତା ଓ ଜୀବନରେ ଯୋଗର ଗୁରୁତ୍ୱ ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ମାଗଣା ଶିବିର ମାଧ୍ୟମରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ଫଳରେ ଯୋଗ, ପ୍ରାଣୟାମ ଶିକ୍ଷା ପ୍ରତି ବର୍ତ୍ତମାନ ମନୁଷ୍ୟ ସମାଜ ଆଗଭର ହେଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ବ୍ୟକ୍ତି ଦିନକୁ ଅନ୍ୟୂନ ୩୬ ମିନିଟ ଯୋଗ, ପ୍ରାଣାୟାମ କରିବା ଆବଶ୍ୟକ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ଜୀବନ ଶକ୍ତି ତଥା ଆୟୁଷ ବୃଦ୍ଧି କରିଥାଏ। ତେବେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ନିୟମିତ ଯୋଗାଭ୍ୟାସ ଯୋଗୁ ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆସିଛି। ଏ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା ........

# ସୁସ୍ଥ ଶରୀର ଗଠନରେ ଯୋଗ ଏକ ମହୌଷଧୀ



“ସମାଜରେ ନୀରୋଗ ଜୀବନ ବିତାଇବାକୁ ହେଲେ ଯୋଗ ହିଁ ଏକମାତ୍ର ପଦ୍ଧତି। ନିୟମିତ ଯୋଗାଭ୍ୟାସ ହିଁ ସୁସ୍ଥ ଶରୀର, ସମାଜ ଗଠନର ଏକମାତ୍ର ପନ୍ଥା। ପ୍ରତ୍ୟେକ ବ୍ୟକ୍ତି ଅନ୍ୟୂନ ୩୬ ମିନଟ ଯୋଗ, ପ୍ରାଣାୟାମ କରିବା ନିତାନ୍ତ ଆବଶ୍ୟକ। ଯୋଗ ପ୍ରଶିକ୍ଷକଙ୍କ ନିକଟରେ ଶିକ୍ଷା ଲାଭ କରି ନିୟମିତ ଅଭ୍ୟାସ କଲେ ମଧୁମେହ, ଉଚ୍ଚ ରକ୍ତଚାପ ଭଳି ବହୁ ମାରାତ୍ମକ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ ରହିହେବ। ଏହା ନିଜେ ଅନୁଭବ କରିଛି। ୨୦୦୫ରେ ଡିପ୍ରେସନ ଯୋଗୁ ରକ୍ତଚାପରେ ପୀଡିତ ଥିଲି। ବହୁ ବଡବଡ ଡାକ୍ତରଖାନାରେ ଚିକିତ୍ସା କରାଇଲି। କିନ୍ତୁ କୌଣସି ଲାଭ ହୋଇ ନ ଥିଲା। ଶେଷରେ ଟିଭିରୁ ଯୋଗ , ପ୍ରାଣାୟାମ ଦେଖି ଏକ ବର୍ଷ ଯୋଗ, ପ୍ରଣାୟାମ ଅଭ୍ୟାସ କରିଥିଲି। ଏହା ଦ୍ୱାରା ଏକବର୍ଷ ମଧ୍ୟରେ ରକ୍ତଚାପ ସମ୍ପୂର୍ଣ୍ଣ ଦୂର ହେବା ସହ ଡିପ୍ରେସନ ମଧ ଚାଲିଗଲା। ସେହିଦିନଠାରୁ ନିୟମିତ ଯୋଗ, ପ୍ରାଣାୟମ ଅଭ୍ୟାସ କରିଆସୁଛି।

**– ଶିଶିର କୁମାର ଦାଶ**
**(ପତଞ୍ଜଳି ଯୋଗ ସମିତି ପ୍ରଭାରୀ )**



“ନିୟମିତ ଯୋଗାଭ୍ୟାସ ଉଭୟ ଶାରୀରିକ ଓ ମାନସିକସ୍ତରରେ ମୁନଷ୍ୟକୁ ସୁସ୍ଥ ରଖିଥାଏ। ଏହା ନିଜେ ଅନୁଭବ କରିଛି। ବିବାହ ପରେ ଶିକ୍ଷକତା ଓ ଗୃହିଣୀ ଜୀବନ ମଧ୍ୟରେ ରହି ଚିନ୍ତାଗ୍ରସ୍ତ ରହୁଥିଲି। ସେହି ସମୟରେ ଟିଭିରେ ଯୋଗ, ପ୍ରାଣାୟାମ ଦେଖି ଅଭ୍ୟାସ ଆରମ୍ଭ କଲି। କିଛି ମାସ ନିୟମିତ ଅଭ୍ୟାସ ପରେ ମାନସିକ ଚିନ୍ତା ଦୂର ହେବା ସହ ସ୍ମରଣ ଶକ୍ତି ମଧ ପ୍ରଖର ହେଉଥିବା ଅନୁଭବ କରିଥିଲି। ଗୃହସ୍ଥ ଜୀବନ ପରେ ମଧ ନିକଟରେ ଦେଇଥିବା ସ୍ନାତକୋତ୍ତର ପରୀକ୍ଷା, ବିଇଡି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଛି। ଏହାପରଠାରୁ ଦୀର୍ଘ ୧୫ ବର୍ଷ ଧରି ନିମୟିତ ଯୋଗ, ପ୍ରାଣାୟାମ ଅଭ୍ୟାସ ଅବ୍ୟାହତ ରଖିଛି।

**– ସୁଖଲତା ତ୍ରିପାଠୀ, ଶିକ୍ଷୟିତ୍ରୀ।**



“ଯୋଗ, ପ୍ରାଣାୟାମ ଅଭ୍ୟାସ ଯୋଗୁ ୬୭ ବର୍ଷରେ ମଧ ରୋଗମୁକ୍ତ ରହିଛି। ସାଧାରଣତଃ ପରିଣତ ବୟସରେ ଦୁର୍ବଳତା, କ୍ଳାନ୍ତି ଅନୁଭବ ହୋଇଥାଏ। କିନ୍ତୁ ଯୋଗାଭ୍ୟାସ ଯୋଗୁ ନିଜକୁ କେବେ କ୍ଳାନ୍ତ ଅନୁଭବ କରିନି। ଏପିରିକି ୪୦ ବର୍ଷ ପୂର୍ବେ ରହିଥିବା ଶ୍ୱାସ ରୋଗ ମଧ ସମ୍ପୂର୍ଣ୍ଣ ଦୂର ହୋଇଯାଇଛି। ବରିଷ୍ଠ ନାଗରିକଙ୍କ ଦୌଡରେ ଭାଗ ନେଇ ଏହି ବୟସରେ ମଧ ବହୁବାର ବିଜେତା ହୋଇଛି।

**– ଅଭି ପ୍ରଧାନ (ଯୋଗାଭ୍ୟାସକାରୀ)**



“ଯୋଗ ଜୀବନସାରା ମନୁଷ୍ୟକୁ ସୁସ୍ଥ ରଖିବା ସହ ଜୀବନଶକ୍ତିକୁ ବଢାଇଥାଏ। ଦୀର୍ଘ ୧୧ ବର୍ଷ ଧରି ଯୋଗ, ପ୍ରାଣାୟାମର ନିୟମିତ ଅଭ୍ୟାସ ସ୍ପଣ୍ଡିଲାଇଟ୍‌ସ୍ ଭଳି ବହୁରୋଗ ଶରୀରରୁ ଦୂର ହୋଇଛି। ହରିଦ୍ୱାରରୁ ଯୋଗ ପ୍ରଶିକ୍ଷଣ ନେବା ପରେ ଏବେ 'କର ଯୋଗ ରୁହ ନୀରୋଗ' ଏହି ମୂଳମନ୍ତ୍ରକୁ ପ୍ରଚାର କରିବା ସହ ମଗଣା ଯୋଗ ଶିବିର ମାଧ୍ୟମରେ ଯୋଗ, ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରୁଛି।

**–କେ. ରବି ବାବୁ**
**(ଯୋଗ ପ୍ରଚାରକ)**

ଧରିତ୍ରୀ
DHARITRI
ଶୁକ୍ରବାର, ୨୧ ଜୁନ୍, ୨୦୧୯



## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଅନ୍ତର୍ଜାତିକ ଯୋଗ ଦିବସ। ସ୍ଥାନ- ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ସମୟ-ସକାଳ ସାଢ଼େ ୬ଟା।
- ଅନ୍ତର୍ଜାତିକ ଯୋଗ ଦିବସ। ସ୍ଥାନ- ହାଉସିଂବୋର୍ଡ଼ ପାର୍କ। ସମୟ-ସକାଳ ସାଢ଼େ ୬ଟା।
- ଅନ୍ତର୍ଜାତିକ ଯୋଗ ଦିବସ। ସ୍ଥାନ- ପାଣିଗ୍ରାହୀପେଣ୍ଠ ରଘୁନାଥ ମନ୍ଦିର।
- ସମୟ-ସକାଳ ୭ଟା।
- ଅନ୍ତର୍ଜାତିକ ଯୋଗ ଦିବସ। ସ୍ଥାନ-ପ୍ରଭୁ ଉପହାର ରିଟ୍ରେଟ୍ କେନ୍ଦ୍ର। ସମୟ- ସକାଳ ୮ଟା।
- ଜନଜାଗରଣ କାର୍ଯ୍ୟକ୍ରମ। ସ୍ଥାନ- ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷ। ସମୟ-ଅପରାହ୍ନ ୪ଟା।
- ଅନ୍ତର୍ଜାତିକ ଯୋଗ ଦିବସ।ସ୍ଥାନ- ଗାୟତ୍ରୀ ଶକ୍ତି ପୀଠ। ସମୟ-ସକାଳ ୬ଟା।

# ବିଲ୍ଡିଂ ଟିକସ ବାବଦ ବକେୟା ୬.୫୩ କୋଟି

ବ୍ରହ୍ମପୁର ଅଫିସ,୨୦।୬

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ଆଦାୟ ହୋଇପାରିନି ହୋଲଡିଂ (ଘର) ଟିକସ ବାବଦ ୬ କୋଟି ୫୩ ଲକ୍ଷ ୫୫ ହଜାର ୭୬୩ ଟଙ୍କା। ତନ୍ମଧ୍ୟରୁ କେବଳ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ୩ କୋଟି ୯୭ ଲକ୍ଷ ୩୫ ହଜାର ୬୪୭ ଟଙ୍କା ବକେୟା ପଡ଼ିଛି। ଆଉ ୧୮ ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ବିଲଡିଂରୁ ୨ କୋଟି ୫୬ ଲକ୍ଷ ୨୦ ହଜାର ୧୧୬ ଟଙ୍କା ଆଦାୟ ହୋଇପାରି ନ ଥିବା ନିଗମ ସୂତ୍ରରୁ ଜଣାପଡ଼ିଛି। ୨୦୧୭-୧୮ ବର୍ଷ ସୁଦ୍ଧା ୬ କୋଟି ୪ ହଜାର ୨୨୫ ଟଙ୍କା ଟିକସ ବାବଦ ବକେୟା ପଡ଼ିଥିବା ବେଳେ ୨୦୧୮-୧୯ ବର୍ଷରେ ଆଉ ୫୩ ଲକ୍ଷ ୫୧ ହଜାର ୫୩୮ ଟଙ୍କା ମିଶି ୬.୫୩ କୋଟିରୁ ଅଧିକ ହୋଇଛି।

ଇତିମଧ୍ୟରେ ନିଗମ ବୈଠକ ଅନୁଷ୍ଠିତ ହୋଇଥିଲା। ଘର ଟିକସ ବାବଦ ବକେୟା ଟଙ୍କା ଆଦାୟ ପାଇଁ କଡ଼ା ପଦକ୍ଷେପ ନିଆଯିବାର ନିଷ୍ପତ୍ତି ନିଆଯାଇଛି। ଏଠାର ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ ନିର୍ବାହୀ ଯନ୍ତ୍ରୀ ହୋଲଡିଂ ଟିକସ ବାବଦ ୯୨ ଲକ୍ଷ ୫୫ ହଜାର ୯୬୩, ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ସେକ୍ରେଟାରୀ ୯ ଲକ୍ଷ ୩୨ ହଜାର ୮୪୮ ଟଙ୍କା ପୈଠ କରିନାହାନ୍ତି। ସେହିପରି ବିଏସ୍‌ଏନ୍‌ଏଲ ଜେନେରାଲ ମ୍ୟାନେଜର ୨୮ ଲକ୍ଷ ୮୫ ହଜାର ୨୮୦ ଟଙ୍କା, ଦୂରଦର୍ଶନ କେନ୍ଦ୍ର ୧ ଲକ୍ଷ ୮୩ ହଜାର ୪୮୦ ଟଙ୍କା, ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ୨ ଲକ୍ଷ ୩୭ ହଜାର ୧୮୫ ଟଙ୍କା, ଗଞ୍ଜାମ ସିଡିଏମ୍‌ଓ ୫ ଲକ୍ଷ ୯୨ ହଜାର ୮୨୩ ଟଙ୍କା ହୋଲଡିଂ ଟିକସ ପୈଠ କରିନାହାନ୍ତି।

ମହାନଗରରେ ଥିବା ଉମା ଚରଣ ପଟ୍ଟନାୟକ ସରକାରୀ ଇଞ୍ଜିନିୟରିଂ ସ୍କୁଲ ଅଧକ୍ଷ ୫୭ ଲକ୍ଷ ୪୯ ହଜାର ୬୪୭ ଏବଂ

**ବ୍ରହ୍ମପୁର ମହାନଗର ନିଗମ**
- ବ୍ୟକ୍ତିଗତ ଘରଗୁଡ଼ିକରୁ ସୁବିଧାରେ ହେଉଛି ଆଦାୟ
- ସରକାରୀ ଅନୁଷ୍ଠାନ ନିୟମିତ ପୈଠ କରୁନାହାନ୍ତି ଟିକସ

ସରକାରୀ ପଲିଟେକନିକ୍ ଇଞ୍ଜିନିୟରିଂ ସ୍କୁଲ ଅଧକ୍ଷଙ୍କ ନାମରେ ୧୮ ଲକ୍ଷ ୪୫ ହଜାର ୦୨୮ ଟଙ୍କା ବକେୟା ରହିଛି। ସରକାରୀ ଆଇଟିଆଇ ଅଧକ୍ଷ ୩୨ ଲକ୍ଷ ୭୮ ହଜାର ୧୨୭ ଟଙ୍କା ବକେୟା ରଖିଛନ୍ତି। ବ୍ରହ୍ମପୁର ଉପ ଜିଲାପାଳ ୧ ଲକ୍ଷ ୦୩ ହଜାର ୪୨୯, ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କ ନାମରେ ୧ ଲକ୍ଷ ୬୦ ହଜାର ୪୮୪ ଟଙ୍କା ହୋଲ୍ଡିଂ ଟିକସ ବକେୟା ରହିଛି। ସରକାରୀ କୁଇନ୍ ମିଶନ ହାଇସ୍କୁଲ ୪୦ ହଜାର ୯୩୧, ସରକାରୀ ବାଳିକା ହାଇସ୍କୁଲ (ରାମଲିଙ୍ଗମ୍ ପୋଖରୀ ରୋଡ) ୩୬ ହଜାର ୮୯୪, ଗୋସାଣୀନୂଆଗାଁସ୍ଥ କେସି ବାଳକ ହାଇସ୍କୁଲ ୭୧ ହଜାର ୩୨୫, କେସି ଟାଉନ ହାଇସ୍କୁଲ ୨୩ ହଜାର ୧୯୫, କେସି ବାଳିକା ହାଇସ୍କୁଲ ୪୭ ହଜାର ୭୧୦ ଏବଂ ଗିରିରୋଡସ୍ଥ ବାଳିକା ହାଇସ୍କୁଲ (ସରକାରୀ) ୫୫୦୯୫ ଟଙ୍କା ହୋଲ୍ଡିଂ ଟିକସ ବକେୟା ଥିବା ବିଏମ୍‌ସି ତଥ୍ୟରୁ ଜଣାପଡ଼ିଛି।

ମହାନଗର ନିଗମ ଇଲାକାରେ ବର୍ତ୍ତମାନ ସୁଦ୍ଧା ଆସେଶମେଣ୍ଟ ହୋଇଥିବା ୫୮ ହଜାରରୁ ଊର୍ଦ୍ଧ୍ୱ ଘର ଅଛି। କେତେକ ନୂଆ ବସ୍ତି ଓ ସାହିରେ ଗୃହ ନିର୍ମାଣ ଚାଲିଛି। ସେ ସବୁ ସମ୍ପୂର୍ଣ୍ଣ ହେବା ପରେ ଟିକସ ପାଇଁ ଆସେଶମେଣ୍ଟ କରାଯିବ। ଏବେ ବାର୍ଷିକ ୧୨ କୋଟିରୁ ଅଧିକ ଟଙ୍କା ହୋଲ୍ଡିଂ ଟିକସ ଆଦାୟ କରାଯିବାର ହିସାବ କରାଯାଇଛି। ଘରୋଇ ବାସଗୃହ ଗୁଡ଼ିକରୁ ଟିକସ ଆଦାୟ ସୁବିଧାରେ ହେଉଥିବା ବେଳେ ସରକାରୀ ବିଲ୍ଡିଂ ଗୁଡ଼ିକରେ ସାଢ଼େ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ପଡ଼ିଛି।

# ମାସିକ ସାରସ୍ୱତ ଆସର



ସାରସ୍ୱତ ଆସରରେ ମଞ୍ଚାସୀନ ସାହିତ୍ୟ ସାଧକମାନେ।

ବ୍ରହ୍ମପୁର ଅଫିସ୍,୨୦।୬

ଦକ୍ଷିଣାଞ୍ଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ଜ୍ୟୋଷ୍ଠ ମାସ ସାରସ୍ୱତ ଆସର ଉତ୍କଳ ଆଶ୍ରମ ସଭାକକ୍ଷରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଡ. ବନମାଳୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ୨୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। କବି ନୀଳକଣ୍ଠ ସାହୁଙ୍କ ସଂଯୋଜନାରେ ସଞ୍ଚାଳିତ ଆସରରେ ପଠିତ ଗଳ୍ପ ଓ କବିତାଗୁଡ଼ିକର ସମୀକ୍ଷା କରିଥିଲେ ଡ. କୁଳମଣି ଓଝା। ସମୀକ୍ଷା ଅବସରରେ ଓଡ଼ିଆ କବିତା ଓ ଗଳ୍ପ ଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ବୟୋଜ୍ୟୋଷ୍ଠ ଲେଖକ ପ୍ରଫୁଲ୍ଲ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକାରୀ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଆସରରେ ଡ. ରଘୁନାଥ ପ୍ରସାଦ ପାଢ଼ୀ, ଡା. ଚନ୍ଦ୍ରମଣି ସ୍ୱାଇଁ, ଡ. ସୂଚନା ପାଢ଼ୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଲୋପା ସାମଲ, ଭାରତୀ ପାତ୍ର, ନୀଳକଣ୍ଠ ସାହୁ, ସୁଚେତା ପାଣିଗ୍ରାହୀ, ପଦ୍ମିନୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀ, ଡା. ଅରୁଣ ରଞ୍ଜନ ଦାଶ ଓ ନିରଞ୍ଜନ ପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ସ୍ୱର୍ଣ୍ଣମୟୀ ପାଢୀ ଓ ଡ. ବନମାଳୀ ପାଣିଗ୍ରାହୀ ପ୍ରମୁଖ ଗଳ୍ପ ପାଠ କରିଥିଲେ। ଶେଷରେ ନଳିନୀକାନ୍ତ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୦।୬:** ସାପ କାମୁଡାରେ ଗୁରୁତର ଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତକ କେ. ନୂଆଗାଁ ଥାନା ଅନ୍ତର୍ଗତ ବମକେଇ ଗ୍ରାମର ସୁରେନ୍ଦ୍ର ପ୍ରଧାନ (୪୦)। ମେଡିକାଲ ଫାଣ୍ଡି ପୋଲିସ ସୁରେନ୍ଦ୍ରଙ୍କ ମୃତଦେହ ଜବତ କରି ନଂ. ୩୨୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସୁରେନ୍ଦ୍ର ଜଣେ ମେଡିକାଲ ଟେକ୍ନିସିଆନ। ସେ ଉକ୍ତ ଥାନା ଅନ୍ତର୍ଗତ ଖମ୍ଭାରୀଗାଁରେ ଏକ କ୍ଲିନିକ ଖୋଲି ବିଭିନ୍ନ ପ୍ରକାର ରୋଗ ପରୀକ୍ଷା କରୁଥିଲେ। ବୁଧବାର ରାତିରେ ସେ କ୍ଲିନିକରେ ରହିଥିଲେ। ପ୍ରବଳ ଗରମ ହେଉଥିବାରୁ ରାତିରେ ବାହାରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସେ ପାଟି କରି ଉଠିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନୂତନ କ୍ରୀଡ଼ା ପରିଷଦ ସମ୍ପାଦକ ଦାୟିତ୍ୱ ନେଲେ ଧ୍ରୁବ

ବ୍ରହ୍ମପୁର ଅଫିସ,୨୦।୬

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ନୂତନ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଡ. ଧ୍ରୁବ ଚରଣ ପଣ୍ଡା। ଇଲୋକ୍ଟ୍ରୋନିକ ସାଇନ୍ସ ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ଡ. ପଣ୍ଡା ଗୁରୁବାର କ୍ରୀଡା ପରିଷଦ ସମ୍ପାଦକ ଦାୟିତ୍ୱ ନେଇଛନ୍ତି। ପୂର୍ବତନ ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଭାବେ ଦାୟିତ୍ୱ ଗ୍ରହଣ ପରେ ବିଶ୍ୱବିଦ୍ୟାଳୟର କ୍ରୀଡା ଭିତ୍ତିଭୂମିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ପୂର୍ବରୁ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବାକୁ ପ୍ରାଥମିକତା ଦେବା ସହ ବ୍ୟାଡମିଣ୍ଟନ, ଟେନିସ ଖେଳ ପ୍ରତି ସୁଯୋଗ ସୃଷ୍ଟି କରିବା, ଏକ ଟେନିସ କୋର୍ଟ ବିଶ୍ୱବିଦ୍ୟାଳୟରେ ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବାକୁ ସେ ସୂଚାଇଛନ୍ତି। ଏହି ଅବସରରେ କ୍ରୀଡା ପରିଷଦ ସହ ସମ୍ପାଦକ ରାଜେଶ କୁମାର ମହାନ୍ତି, ସ୍ପୋର୍ଟ୍ସ ଅଫିସର ରବିଚରଣ ମିଶ୍ର ଓ ସମସ୍ତ କର୍ମକର୍ତ୍ତା ଡ. ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିବା ସତ୍ତ୍ୱେ ଏଯାଏ ଖେଳପଡିଆ ଭିତ୍ତିଭୂମିର ବିକାଶ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଖେଳପଡିଆର ପାଚେରି କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଛି। ଅନ୍ୟପକ୍ଷରେ କ୍ରୀଡାର ବିକାଶ ପାଇଁ ପରିଷଦ ସମ୍ପାଦକ ପଦବୀର କାର୍ଯ୍ୟକାଳ ଦୁଇବର୍ଷ ରହିଛି। କିନ୍ତୁ ବିଗତ ଦୁଇବର୍ଷ ହେବ ପ୍ରତି ବର୍ଷ ପରିଷଦର ସମ୍ପାଦକଙ୍କ ବଦଳି ହେଉଛି। ଯାହା କ୍ରୀଡା ପରିଷଦର ବିକାଶର ଅନ୍ୟ ଏକ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଚର୍ଚ୍ଚା ହେଉଛି।


ନୂତନ କ୍ରୀଡା ପରିଷଦ ସମ୍ପାଦକଙ୍କୁ ପୂର୍ବତନ ସମ୍ପାଦକ ଡ. ପ୍ରସନ୍ନ କୁମାର ଦୀକ୍ଷିତ ଶୁଭେଚ୍ଛା ଜଣାଉଛନ୍ତି।

## ଏନ୍‌ସିସି ଅଫିସରଙ୍କ ପଦୋନ୍ନତି

ବ୍ରହ୍ମପୁର ଅଫିସ୍,୨୦।୬

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏନ୍‌ସିସି ଆର୍ମିୱିଙ୍ଗ୍ ଅଫିସର ଶାନ୍ତନୁ କୁମାର ବେହେରାଙ୍କ ପଦୋନ୍ନତି ହୋଇଛି। ସେ ସେକେଣ୍ଡ ଅଫିସରରୁ ଫାଷ୍ଟ ଅଫିସର୍ ଭାବେ ପଦୋନ୍ନତି ପାଇଛନ୍ତି। ଇଞ୍ଜିନିୟରିଂ ସ୍କୁଲ ସ୍ଥିତ ପ୍ରଥମ ଓଡ଼ିଶା କମ୍ପୋଜିଟ୍ ଟେକ୍ନିକାଲ କମ୍ପାନୀ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମାଣ୍ଡିଂ ଅଫିସର୍ କଲୋନେଲ ଚନ୍ଦନ ଝା ଶାନ୍ତନୁଙ୍କୁ ର୍‌ୟାଙ୍କ୍ ପିନ୍ଧାଇ ପଦୋନ୍ନତି ପାଇଥିବା ଘୋଷଣା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଚିଫ୍ ଅଫିସର ଗୋପାଳକୃଷ୍ଣ ମିଶ୍ରଙ୍କ ସମେତ ମିଲିଟାରୀ ଷ୍ଟାଫ୍ ଏବଂ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଏସ୍. ମୋହନ ରାଓ ଏବଂ ଉମାଧବ ମହାନ୍ତି ପ୍ରମୁଖ ବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଶାନ୍ତନୁ କୁମାର ବେହେରାଙ୍କୁ ର୍‌ୟାଙ୍କ୍ ପିନ୍ଧାଯାଉଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ


ମକ୍‌ଡ୍ରିଲ କୈଶଳ ଶିଖା ଯାଉଛି।

ଆର.ଉଦୟଗିରି,୨୦।୬(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକରେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ବିଡିଓ ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ କିପରି ମୁକାବିଲା କରାଯିବ ସେନେଇ ଅଗ୍ନିଶମ କର୍ମଚାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ଛାତ ଉପରେ ଯଦି କୌଣସି ବ୍ୟକ୍ତି ଫସି ରହିଥାନ୍ତି ତା'ହେଲେ ଫାୟାରମ୍ୟାନ ଲିଫ୍ଟ ସାହାଯ୍ୟରେ ଏବଂ ପିକେ ବ୍ୟାଗ ଦ୍ୱାରା ତାଙ୍କୁ ପିଠିରେ ବୋହି ଆଣିପାରିବେ ସେ ବିଷୟରେ କୌଶଳ ପ୍ରଦର୍ଶନ କରାଯାଇଥିଲା। ଅତ୍ୟଧିକ ନିଆଁ ଲାଗିଥିଲେ ଫୋମ୍ ସାହାଯ୍ୟରେ ତଳ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ସେଥିପାଇଁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଲୋକେ ସଚେତନ ହେବା ସହ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି କହିଥିଲେ। ଏହାସହ ଆର.ଉଦୟଗିରି ବ୍ଲକର ସମସ୍ତ ପଞ୍ଚାୟତକୁ ଜେନେରେଟର ଓ ଇଲେକ୍ଟ୍ରିକ କଟର ଦିଆଯିବ ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସରକାରୀ କର୍ମଚାରୀ ଓ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବକ୍ସିଂ ଚୟନ ଶିବିର ୨୩ରେ

**ବ୍ରହ୍ମପୁର ଅଫିସ୍,୨୦।୬:** ରାଜ୍ୟସ୍ତରୀୟ ଆନ୍ତଃଜିଲା ସବ୍ ଜୁନିୟର୍ ବକ୍ସିଂ ଚାମ୍ପିୟନ୍‌ଶିପ୍ ଆସନ୍ତା ୨୭ତାରିଖରେ କଟକରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଭାଗନେବାକୁ ଯାଉଛି। ତେବେ ଜିଲା ଦଳ ଚୟନ ଶିବିର ଆସନ୍ତା ୨୩ତାରିଖରେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ସକାଳ ୬ଟାରେ ଷ୍ଟାଡିୟମ୍‌ରେ ପହଞ୍ଚିବା ପାଇଁ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କୁହାଯାଇଛି। ବୟସ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ସହ ବକ୍ସିଂ ସମ୍ପାଦକ ପ୍ରଭାକର ରାଓ ଏବଂ ଅରକ୍ଷିତ ପାଣିଗ୍ରାହୀଙ୍କୁ ସାକ୍ଷାତ କରିବେ।

# ଦୁର୍ଘଟଣାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୦।୬

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଜରଡ଼ା ଥାନା ଅନ୍ତର୍ଗତ ତୁରୁବୁଡି ଗ୍ରାମର ସୀମାଞ୍ଚଳ ସାହୁ (୩୨) ଓ ସେ ଜଣେ ରାଜମିସ୍ତ୍ରି ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ଗୁରୁବାର ପୋଲିସ ମୃତଦେହ ଜବତ କରି ନଂ. ୩୨୪/୧୯ରେ ଏକ ମାମଲା ରୁଜୁ କରିଛି। ସୀମାଞ୍ଚଳ ଦାରିଙ୍ଗବାଡିରେ ଏକ ଘର ନିର୍ମାଣ କାମ କରୁଥିଲେ। ସେ ୩/୪ ଦିନ ତଳେ ଘରକୁ ଆସିଥିଲେ। ବୁଧବାର ବାଇକ୍‌ରେ ଦାରିଙ୍ଗବାଡ଼ି ଯାଉଥିବା ବେଳେ ସୋରଡା ଥାନା ଅନ୍ତର୍ଗତ ଦଶମାଇଲ ଶଙ୍ଖ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସୀମାଞ୍ଚଳ ଗାଡିରୁ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଗୋଇଲୁଣ୍ଡି ସାନ ବନ୍ଧ ହୁଡ଼ାରେ ମନ୍ଦିର ନିର୍ମାଣକୁ ବିରୋଧ

# ବିଏମ୍‌ସି କମିଶନରଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୨୦।୬

ବ୍ରହ୍ମପୁରକୁ ରାଜ୍ୟର ପ୍ରଥମ ବାହ୍ୟ ମଳମୁକ୍ତ ସହର ଭାବେ ୨୦୧୮ ଅକ୍ଟୋବର ୨ରେ ଘୋଷଣା ହୋଇଛି। ଏନେଇ ସହରର ସମସ୍ତ ଅଞ୍ଚଳରେ ଆବଶ୍ୟକ ପରିମାଣରେ ଶୌଚାଳୟ ନିର୍ମାଣ କରାଯାଇଥିବା ମଧ୍ୟ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କୁହାଯାଉଛି। କିନ୍ତୁ ୩୨ ନଂ. ୱାର୍ଡ ଅନ୍ତର୍ଗତ ଗୋଇଲୁଣ୍ଡି ସାନ ବନ୍ଧହୁଡାରେ ଥିବା ଦୀର୍ଘ ବର୍ଷର ପୁରୁଣା ଶୌଚାଳୟ କାର୍ଯ୍ୟକ୍ଷମ ପରିବର୍ତ୍ତେ ଭାଙ୍ଗି ଦିଆଯାଇଛି। ସେଠାରେ ଶୌଚାଳୟ ପରିବର୍ତ୍ତେ ସରକାରୀ ଜମିରେ କମ୍ୟୁନିଟି ହଲ୍ ନାମରେ ରାମ ମନ୍ଦିର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଅଞ୍ଚଳବାସୀ ବୁଧବାର ନିଗମ କମିଶନରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଦିଗରେ ପଦକ୍ଷେପ ନେବା ସହ ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ପ୍ରକାରେ, ୧୦ ବର୍ଷ ପୂର୍ବେ ଗୋଇଲୁଣ୍ଡି ଅଞ୍ଚଳବାସୀଙ୍କ ଲାଗି ବିଏମ୍‌ସି ପକ୍ଷରୁ ସାନବନ୍ଧ ହୁଡାରେ ଶୌଚାଳୟ ନିର୍ମାଣ ହୋଇଥିଲା। କିନ୍ତୁ ନିର୍ମାଣ ପରେ ଆନୁଷଙ୍ଗିକ ସୁବିଧା, ଜଳ, ସଫେଇ, ପରିଚାଳନା ଦିଗରେ ବିଏମ୍‌ସି ଗୁରୁତ୍ୱ ଦେଇ ନ ଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଶୌଚାଳୟ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଥିଲା। କିନ୍ତୁ ଏବେ ଉକ୍ତ ଶୌଚାଳୟକୁ ମରାମତି କରିବା ପରିବର୍ତ୍ତେ ତାକୁ ଭଙ୍ଗାଯାଇ ସେଠାରେ କମ୍ୟୁନିଟି ହଲ ନାମରେ ମନ୍ଦିର ନିର୍ମାଣ କରାଯାଉଛି। ଫଳରେ ଶୌଚାଳୟ ଉପରେ ନିର୍ଭର କରୁଥିବା ଗୋଇଲୁଣ୍ଡି ବଡସାହି, ଧୋବା ସାହି, ଫ୍ରେଣ୍ଡସ କଲୋନୀ, ଶ୍ରୀନଗର, ଖଣ୍ଡିଆ ସାହି, କୋଟପେଟା ହାଡିସାହି, ବିଦ୍ୟାନଗର ପ୍ରଭୃତି ଅଞ୍ଚଳରେ ରହୁଥିବା ନିମ୍ନ ଓ ମଧ୍ୟବିତ୍ତ ପରିବାରର ମହିଳା ଓ ପୁରୁଷ ବର୍ତ୍ତମାନ ଖୋଲାରେ ଶୌଚ କରିବାକୁ ବାଧ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପୂର୍ବତନ ବିଧାୟକ ନିଜସ୍ୱ ପାଣ୍ଠିର ଦୁରୁପଯୋଗ କରି ନିଜ ଘର ରାମ ମନ୍ଦିରକୁ ଏଠାରେ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

- ବିଧାୟକଙ୍କ ପାଣ୍ଠିରେ ମନ୍ଦିର ନିର୍ମାଣ ଅଭିଯୋଗ
- ଅଭିଯୋଗକୁ ପୂର୍ବତନ ବିଧାୟକଙ୍କ ଖଣ୍ଡନ

ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଶୁଣାଇଛନ୍ତି। ତେବେ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ନିର୍ମାଣରେ ସମ୍ପୃକ୍ତଥିବା କନିଷ୍ଠ ଯନ୍ତ୍ରୀଙ୍କୁ ତାଗିତ କରିଥିବା ଜଣାପଡିଛି। ଏଥିସହ ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନର କହିଥିବା ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗାଯୋଗ ବେଳେ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦୀର୍ଘ ବର୍ଷ ଧରି ଶୌଚାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ତେଣୁ ତାହାକୁ ବିଏମ୍‌ସି ଦ୍ୱାରା ଭଙ୍ଗାଯାଇଛି। ସେଠାରେ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ମନ୍ଦିର ନିର୍ମାଣ କରାଯାଉଛି। ମନ୍ଦିର ନିର୍ମାଣ ପରେ ଆଗାମୀ ଦିନରେ ସୁଲଭ ଫଣ୍ଡ ବିନିଯୋଗ ଟଙ୍କାରେ ମନ୍ଦିର ପାର୍ଶ୍ୱରେ ୧୦ ଶିଟ ବିଶିଷ୍ଟ ଶୌଚାଳୟ ନିର୍ମାଣ କରାଯିବାର ମଧ ଯୋଜନା ରଖାଯାଇଛି ବୋଲି ସେ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କେ. ଦୁର୍ଯ୍ୟୋଧନ ରେଡ୍ଡୀ, କେ. ସନ୍ତୋଷ କୁମାର ଦାଶ, ଡି. ରାମଚନ୍ଦ୍ର ପାଳ, ସୁବାସ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

■ କଂସାରି ଶାଳକୁ ନେଇ ବଢୁଛି ବିବାଦ

# ସପକ୍ଷରେ ବାହାରିଲା କଂସାରି ସମ୍ପ୍ରଦାୟ

ବ୍ରହ୍ମପୁର ଅଫିସ୍,୨୦।୬

ପୁରୁଣା ବ୍ରହ୍ମପୁର ତଥା କୁଠାରୀ ମନ୍ଦିର ସାହିରେ ଥିବା କଂସାରି ଶାଳକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏଥିଯୋଗୁ ଆଖପାଖ ଅଞ୍ଚଳର ବାସିନ୍ଦାମାନଙ୍କୁ ସମସ୍ୟା ହେଉଛି। ସର୍ବଦା ଉଚ୍ଚ ଶବ୍ଦ ଯୋଗୁ ଶାଳ ବନ୍ଦ କରିବା ପାଇଁ ସେମାନେ ପୂର୍ବରୁ ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଉପଜିଲାପାଳ ତାଗିଦ୍ କରିବା ସହ ଶବ୍ଦ ଯେମିତି ନ ହେବ ସେନେଇ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗୁରୁବାର ଶାଳ ସପକ୍ଷରେ କଂସାରି ସମ୍ପ୍ରଦାୟର ବହୁ ଲୋକ ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ସାକ୍ଷାତ କରିଛନ୍ତି। କଂସାରି କାମ ସେମାନଙ୍କ କୌଳିକ ବୃତ୍ତି ହୋଇଥିବାରୁ କାମ ବନ୍ଦ ହୋଇଗଲେ, ସେମାନେ ଚଳିବା କଷ୍ଟ ହେବ ବୋଲି ନିବେଦନ କରିଥିଲେ।

ଗତ ୧୦ତାରିଖରେ କୁଠାରୀ ମନ୍ଦିର ସାହିର କେତେକ ବାସିନ୍ଦା ଉପଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା, ସାହିର କଂସାରି ଲୋକମାନେ ନିଜ ଘରେ ପିତଳ ବାସନ କୁସନ ତିଆରି କରୁଛନ୍ତି। ପିତଳ କାମ ବେଳେ ପ୍ରବଳ ଶବ୍ଦ ବାହାରୁଛି। ସକାଳୁ ରାତି ପର୍ଯ୍ୟନ୍ତ ଶବ୍ଦ ହେଉଛି। ସାହିରେ ରହିବା କଷ୍ଟ ହୋଇପଡୁଛି। ଏପରିକି ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି, ରୋଗୀମାନେ ଶୋଇପାରୁ ନାହାନ୍ତି। ଯେଉଁମାନେ ଏହାକୁ ବିରୋଧ କରିବେ, ସେମାନଙ୍କୁ ଗାଳିଗୁଲଜ କରାଯାଉଛି। ବହୁ ପୂର୍ବରୁ ସାହିବାସୀଙ୍କ ଅଭିଯୋଗ ପରେ ଶାଳ କିଛି ଦିନ ପାଇଁ ବନ୍ଦ ହୋଇଥିଲା। ହେଲେ ପୁଣି ଚାଲିଲା। ଏଣୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ସାହିବାସୀ ଦାବି କରିଥିଲେ।

ଏହା ବିରୋଧରେ କଂସାରି ସମ୍ପ୍ରଦାୟର ଲୋକମାନେ ଗୁରୁବାର ଉପଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ସେମାନେ କହିଛନ୍ତି, ୬୦ବର୍ଷ ହେଲା ଜାତିର ଲୋକମାନେ କଂସାରୀ କାମ କରି ଚଳୁଛନ୍ତି। ସେହିଭଳି ଶାଳିଆବନ୍ଧ ସାହି ଏବଂ ଆଖାପାଖ ଅଞ୍ଚଳରେ ୬ ପରିବାର ମଧ୍ୟ କଂସାରି କାମ କରୁଛନ୍ତି। ହେଲେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଶାଳ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ଶାଳ ବନ୍ଦ ହୋଇଗଲେ, ହିନ୍ଦୁ ଧର୍ମର ପୂଜାପୂଜି କାର୍ଯ୍ୟରେ ବାଧା ଉପୁଜିବ। କାରଣ ବାସନକୁସନ ସହ ପିତଳରେ ଦେବଦେବୀଙ୍କ ମୂର୍ତ୍ତି ମଧ୍ୟ ସେମାନେ ତିଆରି କରୁଛନ୍ତି। ବହୁ ବର୍ଷ ହେଲା କାମ କରୁଥିବା ବେଳେ ହଠାତ୍ ବନ୍ଦ ହୋଇଗଲେ, ଚଳିବୁ କେମିତି। ୧୭୦ ପରିବାର ଜୀବିକା ହରାଇବେ। ଏଣୁ ଶବ୍ଦ କମ୍ କରିବାକୁ ପଦକ୍ଷେପ ନେବୁ, ହେଲେ କାମ ବନ୍ଦ ନ କରନ୍ତୁ। ଏପରିକି ଦିନର ଏକ ନିର୍ଦ୍ଦିଷ୍ଟ ସମୟରେ ହିଁ କାମ କରିବୁ, ଯାହା ଦ୍ୱାରା ଅନ୍ୟମାନଙ୍କର କୌଣସି ଅସୁବିଧା ହେବ ନାହିଁ। ଏଦିଗରେ ବିଚାର କରିବାକୁ ସେମାନେ ନିବେଦନ କରିଥିଲେ। ନିବେଦନ ଶୁଣିବା ପରେ ଉପଜିଲାପାଳ ରାଉତରାୟ ବିବାଦର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଉଭୟ ପକ୍ଷକୁ ଡକାଇ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରାଯିବ। ଫଳରେ ଉଭୟ ପକ୍ଷର କୌଣସି ସମସ୍ୟା ରହିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ।

ଗୁରୁବାର କଂସାରୀ ସମ୍ପ୍ରଦାୟର ପ୍ରକାଶ ସାହୁ, ଗୋପାଳ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଶିଶିର ମହାରଣା, ସୁଦର୍ଶନ ସାହୁ, ବଳରାମ ସାହୁ, ସରୋଜ ସାହୁ, ଗଣେଶ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ଶଙ୍କର ସାହୁ, ହରିହର ସାହୁ, ଅଶୋକ ସାହୁ, ବାବୁ ସାହୁ, ଉପେନ୍ଦ୍ର ସାହୁ, ବିଜୟ କୁମାର ସାହୁ, କାଳୀଚରଣ ସାହୁ, ପ୍ରତାପ ସାହୁ, ଗୋପବନ୍ଧୁ ସାହୁ, ବଳରାମ ସାହୁ ଓ ଅଭିମନ୍ୟୁ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କଂସାରି ସମ୍ପ୍ରଦାୟର ମହିଳା ଓ ପୁରୁଷ।

# ଏନ୍‌ସିସି କ୍ୟାମ୍ପକୁ ଯିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗ

**ଶଙ୍କରାଖୋଲ,୨୦।୬ (ଡି.ଏନ୍.ଏ):**

ଟିକାବାଲିରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରଙ୍କଠାରୁ ଜି.ଉଦୟଗିରିଠାରେ ଥିବା ଏନ୍‌ସିସି କ୍ୟାମ୍ପକୁ ଯିବା ପାଇଁ ବସଭଡା ବାବଦ ୫୦ ଟଙ୍କା ଲେଖାଏଁ ଏନ୍‌ସିସି ଶିକ୍ଷକ ଦୁର୍ଗାମାଧବ ସାହୁ ଚାନ୍ଦା ଆଦାୟ କରିଥିବା ଛାତ୍ରୀ ଓ ଅଭିଭାବକ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କରିଛନ୍ତି। କ୍ୟାମ୍ପକୁ ଯାଇଥିବା ୫୦ ଛାତ୍ରୀଛାତ୍ରଙ୍କଠାରୁ ଜଣପିଚ୍ଛା ୫୦ ଟଙ୍କା ଲେଖାଏ ଆଦାୟ ହୋଇଛି। ଜଣେ ଛାତ୍ରୀ ୫୦ ଟଙ୍କା ଦେବା ପରେ ଖର୍ଚ୍ଚ ପାଇଁ ପାଖରେ କମ ଟଙ୍କା ଥିବାରୁ ଆଉ ଟଙ୍କା ପଠାଇବା ପାଇଁ ତାଙ୍କ ସହ ଯାଇଥିବା ଶିକ୍ଷୟିତ୍ରୀଙ୍କ ମୋବାଇଲ ଫୋନରୁ ବାପାଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା ଟଙ୍କା ପଠାଇବା ପରେ ଏ ସମ୍ପର୍କରେ ପ୍ରଧାନଶିକ୍ଷକ କାଲୁ ସ୍ୱାଇଁଙ୍କୁ ଜଣାଇଥିଲେ। ଏ ନେଇ ପ୍ରଧାନଶିକ୍ଷକ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ଏନ୍‌ସିସି କ୍ୟାମ୍ପକୁ ଛାତ୍ରୀଛାତ୍ର ଯିବା ପାଇଁ କୌଣସି ଟଙ୍କା ଦେବାକୁ ପଡେନାହିଁ ବୋଲି କହିଛନ୍ତି। ଛାତ୍ରୀଛାତ୍ରଙ୍କ ଯିବା ଆସିବା, ରହିବା ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଏନ୍‌ସିସି ଶିକ୍ଷକ ବସ୍‌ଭଡ଼ା ବାବଦକୁ ୫୦ଟଙ୍କା ଲେଖାଏଁ ଆଦାୟ କରିଥିବା ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ନେଇ ଶିକ୍ଷକ ସାହୁଙ୍କ ସହ କଥା ହେବା ପରେ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରଧାନଶିକ୍ଷକ କହିଥିଲେ। ଅନ୍ୟପକ୍ଷରେ ଏନ୍‌ସିସି ଶିକ୍ଷକ ସାହୁଙ୍କୁ ପଚାରିବାରୁ ସେ କୌଣସି ଛାତ୍ରୀଛାତ୍ରଙ୍କୁ ଟଙ୍କା ମାଗିନାହାନ୍ତି। ତାଙ୍କ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ଏନେଇ ଡିଇଓ ବିକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ଏନ୍‌ସିସ କ୍ୟାମ୍ପ ଏବଂ ଏନ୍‌ସିସି ଛାତ୍ରୀଛାତ୍ରଙ୍କର ଅସୁବିଧା ସୁବିଧା ବ୍ରହ୍ମପୁର ଏନ୍‌ସିସି କାର୍ଯ୍ୟାଳୟ ତଦାରଖ କରୁଛି। ଛାତ୍ରୀଛାତ୍ରଙ୍କ ଠାରୁ ଟଙ୍କା ନେଇଥିଲେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପଥର ଟ୍ରାକ୍ଟରରୁ ଜରିମାନା ଆଦାୟ

**ବୁଗୁଡ଼ା, ୨୦।୬ (ଡି.ଏନ.ଏ.)**

ବୁଗୁଡ଼ା ତହସିଲ ଅନ୍ତର୍ଗତ ନଗୁଡ୍ଡୁ ଛକଠାରେ ଗୁରୁବାର ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ପଥର ବୋଝେଇ କରିଥିବା ଏକ ଟ୍ରାକ୍ଟର ଅଟକ ରଖାଯାଇଥିଲା। ତହସିଲଦାର ସଂଗ୍ରାମ କେଶରୀ ଜେନା ଉକ୍ତ ଟ୍ରାକ୍ଟର ଜବତ କରିଥିଲେ। ଟ୍ରାକ୍ଟର ମାଲିକଙ୍କଠାରୁ ୧୫,୪୨୦ ଟଙ୍କା ଜରିମାନା ଆଦାୟ ପରେ ତାଙ୍କୁ ଛାଡି ଦିଆଯାଇଛି।




# ଜେଲ ଗଲେ ୪ ଅଭିଯୁକ୍ତ

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲା

**ଦିଗପହଣ୍ଡି,୨୦।୬(ଡି.ଏନ.ଏ.)**

ରୁଦ୍ରଙ୍ଗପୁର ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଗ୍ରାମର ସନ୍ତୋଷ ପାତ୍ରଙ୍କୁ ହୋଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ଦିଗପହଣ୍ଡି ପୋଲିସ ରୁଦ୍ରଙ୍ଗପୁରର ବଳରାମ ପାତ୍ର, ଭଗବାନ ପାତ୍ର, ଶଙ୍କର ପାତ୍ର ଓ କୃଷ୍ଣ ପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ୧୦ ତାରିଖରେ ଅଭିଯୁକ୍ତମାନଙ୍କ ସହ ସନ୍ତୋଷଙ୍କର କଥା କଟାକଟି ହୋଇଥିଲା। ୧୨ ତାରିଖ ରାତି ପ୍ରାୟ ୯ଟାରେ ସନ୍ତୋଷ ଗାଁ ମଣ୍ଡପରେ ଶୋଇଥିବାବେଳେ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ସନ୍ତୋଷଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ତୋଷଙ୍କ ମା' କାନ୍ତାମା ପାତ୍ରଙ୍କ ଏତଲା ପ୍ରକାରେ ନଂ.୧୦୮/୧୯ରେ ମାମଲା ରୁଜୁ ହୋଇଥିଲା। ଅନ୍ୟ ଜଣେ ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି ।




# ଡାଲା ଅଟୋ ଧକ୍କାରେ ଜଣେ ଗୁରୁତର

**ଦିଗପହଣ୍ଡି,୨୦।୬(ଡି.ଏନ.ଏ.)**

ଦିଗପହଣ୍ଡି–ପୋଡାମାରୀ ମୁଖ୍ୟରାସ୍ତା ଘୋଡାହାଡ ଡ୍ୟାମଛକ ନିକଟରେ ଗୁରୁବାର ଏକ ଡାଲାଅଟୋ ଧକ୍କାରେ ଜଣେ ସନ୍ନ୍ୟାସୀ ଗୁରୁତର ହୋଇଛନ୍ତି। ସେ ହେଲେ ପାଟପୁର ଥାନା ମଥୁରା ହନୁମାନ ଗୁମ୍ଫାରେ ରହୁଥିବା ଅଚ୍ୟୁତାନନ୍ଦ ଦାସ। ସେ ବାଇକ ଯୋଗେ ମଥୁରା ଗ୍ରାମରେ ୨୩ରୁ ଆରମ୍ଭ ହେବାକୁ ଥିବା ଯଜ୍ଞ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରିବାକୁ ଟିକିଟି ଯାଉଥିଲେ। ରାସ୍ତାରେ ଚାହା ପିଇବାକୁ ଓହ୍ଲାଇବାବେଳେ ଏକ ଡାଲାଅଟୋ (ନଂ.ଓଡି୦୭ପି–୩୦୪୩) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିକଟସ୍ଥ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ